# ତହସିଲ କାର୍ଯ୍ୟାଳୟ , ପୋଲସରା , ଗଞ୍ଜାମ

ପତ୍ର ସଂଖ୍ୟା......3764...... ତାରିଖ...15/07/2019

## ଲଘୁ ଖଣିଜ ଲିଜ୍ ନିମନ୍ତେ

## ବିଜ୍ଞାପନ

**ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -2004 ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ) ଆଇନ -2016 ଅନୁଯାୟୀ**

ଏତଦ୍ୱାରା ସର୍ବସାଧାରଣଙ୍କ ର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପୋଲସରା ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ସଇରାତ ଉସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡ଼ିକ ଅନୁନ୍ୟ 5 ( ପାଞ୍ଚ ) ବର୍ଷ ନିମନ୍ତେ ( 2019-2020) ଠାରୁ ( 2023-2024) ଦୀର୍ଘ ମିଆଦି ଲିଜ୍ ସୁତ୍ରେ ନେବା ପାଇଁ ଇଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ) ଆଇନ -2016 ର ଫର୍ମ –J ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ର ଯଥା ଟ.1,000/- ( ଏକ ହଜାର ଟଙ୍କା) ର ଟ୍ରେଜେରି ଚାଲାନ୍ ( Head of Account-0853-Non – Ferrous Mining and Metallurgical Industires-102- Mineral concession Fees, Rents and Royalties) (ଫେରସ୍ତ ଦିଆଯିବ ନାହିଁ, ( ଦରଖାସ୍ତ ନିମନ୍ତେ ଉସର ନାମ ,ତଫସିଲ ଓ ସରହଦ ବିବରଣୀ ,ଦରଖାସ୍ତକାରୀଙ୍କ ନାମରେ ଉପୋରକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ ,ସଲଭେନ୍ସି ପ୍ରମାଣ ପତ୍ର) Solvency Certificate) ତଥା ଅସ୍ଥାବର ସମ୍ପତିର ବିବରଣୀ ,ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ ,ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ସହ ,ସଂଲଗ୍ନ ପୂର୍ବକ ଜଉମୁଦିଆ ଲଫାପାରେ ରେଜିଷ୍ଟ୍ରି ସ୍ପୀଡ଼ପୋଷ୍ଟ ) Registered / Speed post) ଯୋଗେ ତହସିଲଦାର, ପୋଲସରା ଙ୍କ ଠିକଣାରେ ପଠାଇବେ କିମ୍ବା ତହସିଲ କାର୍ଯ୍ୟାଳୟରେ ଯଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଯେ କୌଣସି ସରକାରୀ କାର୍ଯ୍ୟାଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧରେ ପକାଇ ପାରିବେ । ଦରଖାସ୍ତରେ ଲିଜ ସୁତ୍ରେ ନେବାକୁ ଇଛୁକ ଥିବା ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲ୍ଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବନାହିଁ , ଏବଂ ଦରଖାସ୍ତଟି ନାକଚ ହେବ । ଦରଖାସ୍ତ ଗ୍ରହଣ ଶେଷ ତାରିଖ 05/08/2019 ରିଖ ସମୟ ଦିବା 1 ଘଣ୍ଟିକା ଅଟେ। ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବନାହିଁ । ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଉସ ଗୁଡ଼ିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନା ଗମନ ସୁବିଧା , ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୋଣସି ଅଭିଯୋଗ ଗ୍ରହଣୀୟ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଦରଖାସ୍ତ ଗୁଡ଼ିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା.6.8.2019 ରିଖରେ ଦିବା ଘ.10.00 ମି. ସମୟରେ ତହସିଲଦାର, ପୋଲସରାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଆବେଦିତ ଦରଖାସ୍ତ ମଧରେ ସର୍ବାଧିକ ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତ କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଉସ ନିମନ୍ତେ ସମାନ ରୟାଲ୍ଟି ମୂଲ୍ୟ ଦର୍ଶାଇଥିଲେ , ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତି ଙ୍କୁ ସ୍ଥିର କରାଯିବ । ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀ 7 ( ସାତ) ଦିନ ମଧରେ କ୍ଷମତା ପ୍ରାପ୍ତ ଅଧିକାରୀ ଦର୍ଶାଇଥିବା EMD କୁ ବ୍ୟାଙ୍କ ଡ୍ରାପ୍ଟ (BANK DRAFT) କିମ୍ବା ନଗଦ ( CASH ) ଟଙ୍କା ମାଧ୍ୟମରେ ଜମା ଦେବେ ଏବଂ ଧାର୍ଯ୍ୟ ସମୟ ସୀମା ମଧରେ Mining Plan ଏବଂ Enviorment Clearance ଦାଖଲ କରିବେ । ପ୍ରଥମ ପର୍ଯ୍ୟାୟ ଫଇସଲା ହୋଇପାରିନଥିବା ଖାଦାନ ଗୁଡ଼ିକ 2 ୟ ଥର ପାଇଁ ତା 24.08.2019 ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯାଇ ତା.25.8.19 ରିଖ ଦିନ ପୂର୍ବବତ୍ ଦରଖାସ୍ତ ତନଖି କରାଯାଇ ଲିଜଧାରୀ ବଛାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଫଇସଲା ହୋଇପାରିନଥିବା ଖାଦାନ ଗୁଡ଼ିକ 3 ଥର ପାଇଁ ତା 5.9.2019 ରିଖ ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯାଇ 06.09.2019 ଦିନ ପୂର୍ବବତ୍ ଦରଖାସ୍ତ ତନଖି କରାଯାଇ ଲିଜଧାରୀ ବଛାଯିବ । Mining Plan ଟି Form-ZB ରେ ଭୂତତ୍ୱବିତ ଯୁଗ୍ମ ନିର୍ଦ୍ଦେଶକ / ଭୂତତ୍ୱ ବିଭାଗ , ବ୍ରହ୍ମପୁର / ଖଣି ଅଧିକାରୀ , ଗଞ୍ଜାମ ଙ୍କ ନିକଟରୁ ଅନୁମୋଦିତ ହେବା ଆବଶ୍ୟକ ତଥା ଭାରତ ସରକାରଙ୍କ ଅଧି ସୂଚନା ସଂଖ୍ୟା 1533 ତା. 14.09.2006 ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ Enviorment Clearance ଅନୁମୋଦିତ ହୋଇଥିବା ବିଧେୟ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ

ଉତ୍ତୋଳନ ପରିମାଣ ଓ ଦରଖାସ୍ତରେ ଦେଇଥିବା ରୟାଲ୍ଟି ର ମୂଲ୍ୟ ଅନୁଯାୟୀ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳିନ ଦାଖଲ କରିବାକୁ ପଡ଼ିବ । ଏହାପରେ ଲିଜଧାରୀ ନିଜ ଖର୍ଚ୍ଚରେ ଲିଜ୍ ଚୁକ୍ତି ( Lease Agreement) ( ରେଜିଷ୍ଟ୍ରେସନ୍ ଆକ୍ଟ 1908 ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ) ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରି ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନକରନ୍ତି , ତେବେ ତାଙ୍କର EMD ବାଜ୍ୟାପ୍ତ ହେବ । ଯଦି ସର୍ବାଧିକ ରୟାଲଟି ମୂଲ୍ୟ ଦର୍ଶାଇଥିବା ଉପରୋକ୍ତ ବ୍ୟକ୍ତି ସର୍ତାବଳୀର ଖିଲାଫ କରନ୍ତି, ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ଆବେଦନକାରୀଙ୍କୁ କ୍ରମାନ୍ୱରେ ସୁଯୋଗ ଦିଆଯିବ । ସର୍ବାଧିକ ନିଲାମଧାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ Mining Plan ତଥା Enviornment Clearance ଜମା କରି ନ ପାରିଲେ , କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଆବଶ୍ୟକୀୟ ସମସ୍ତ କ୍ଲିଅରାନ୍ସ ନିମନ୍ତେ ପ୍ରମାଣ ସହ ସମୟ Extension ପାଇଁ ଦରଖାସ୍ତ କରିବେ ଏବଂ ତାହାର Acknowledgement କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ନେବେ ।

ଏହା ବ୍ୟତୀତ ଆଦେଦନକାରୀ ବା ଲିଜ୍ ଧାରୀ ଦାଖଲ କରିଥିବା ସମସ୍ତ ରୟାଲ୍ଟି ମୂଲ୍ୟ ର ଶତକଡ଼ା 5 ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ଦେୟ ପୈଠ କରିବାକୁ ପଡ଼ିବ । ଧାରା -28 ଅନୁଯାଇ ଲିଜ୍ ଧାରୀ ଙ୍କୁ ପ୍ରତ୍ୟକ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା dead rent, compensatory a forestation ( କ୍ଷତିପୂରକ ବନୀକରଣ) ନିମନ୍ତେ ଫି ଏବଂ surface rent ଦାଖଲ କରିବାକୁ ପଡ଼ିବ । ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲ୍ଟି / dead rent ଧାର୍ଯ୍ୟ ମୂଲ୍ୟ ଜମା କରିବାକୁ ପଡ଼ିବ ।

ଆବଶ୍ୟକ ସ୍ଥଳେ ନିୟମ ଅନୁଯାଇ ସିକୁରିଟି ବାବଦ ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତାପ୍ରାପ୍ତ ଆଧିକାରୀଙ୍କ ର ରହିବ ।

ସର୍ବୋଚ୍ଚ ନିଲାମଧାରୀ ନିଲାମ ମୂଲ୍ୟ ର 2% ( ଶତକଡ଼ା ଦୁଇ) ଆୟକର ବାବଦକୁ ଜମା କରିବେ, ବାଲି ନିଲାମଧାରୀ ନଦୀ ଶଯ୍ୟାରେ 3 ମିଟର, ଜଳସ୍ତର ର ନିମ୍ନକୁ ଯାଇ କିମ୍ବା ଉସ୍ତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଙ୍କ ନିର୍ଦ୍ଧାରିତ ସର୍ତ ବ୍ୟତିକ୍ରମ କରି ବାଲି ଉତ୍ତୋଳନ କରିପାରିବେ ନାହିଁ ।

ଯଦି ଏହି ବିଜ୍ଞାପନରେ ନିଯମ ଅନୁଯାୟୀ କୌଣସି ତୃଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରିଙ୍କର ରହିଛି ।

10/7/19

ତହସିଲଦାର, ପୋଲସରା

LIST OF SAIRAT SOURCES OF POLASARA TAHASIL FOR SETTLMENT AND TO BE LIEASED OUT FOR THE YEAR 2019-20 TO 2023-24 AS PER OMMC AMENDMENT RULE- 2016

| SL. No. | Case No. | Name of the Source | Name of the Mouza | Khata No. | Plot No. | Area in Acre | minimum guarnted quantity (MGQ) per annuam ( in CUBM) | Royalty per cubm. | minimum additional charge to be quoted per cubm. | EMD in Rs.5% of Col. 9+10 *8 |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | OMMC No. 1/19 | Rukhakana Stone | Rukhakana | 561 | 1534 | Ac.9.937 | 1500 | 130 | 7 | **10275** |
| | | | | | 1536 | Ac.1.430 | | | | |
| 2 | OMMC No. 2/19 | Bhatakhali Stone | Bhatakhali | | 4444 | 35.968 | 1000 | 130 | 7 | **6850** |
| | | | | | 4578 | 27.635 | | | | |
| | | | | | 4579 | 10.343 | | | | |
| 3 | OMMC No. 3/19 | Hatiota Stone | Hatiota | 1502 | 2 | 41.510 | 1000 | 130 | 7 | **6850** |
| 4 | OMMC No. 4/19 | Dhoyakana Sand | Dhoyakana | 605 | 1537 | 13.500 | 1000 | 35 | 7 | **2100** |
| 5 | OMMC No. 5/19 | Budheisuni Sand | Budheisuni | 943 | 1 | 22.398 | 1000 | 35 | 7 | **2100** |
| 6 | OMMC No. 6/19 | B.Pankalabadi Sand | B.Pankalabadi | 782 | 2116 | 10.312 | 1000 | 35 | 7 | **2100** |
| | | | | | 4826 | 14.469 | | | | |
| 7 | OMMC No. 7/19 | Mandara Stone | Mandara | 1551 | 1060 | Ac.12.312 | 1000 | 130 | 7 | **6850** |
| 8 | OMMC No. 8/19 | Kuananda Sand | Kuananda | 535 | 1996 | Ac.17.150 | 1000 | 130 | 7 | **2100** |
| 9 | OMMC No. 9/19 | B.Pankalabadi Stone | B.Pankalabadi | 782 | 4937 | Ac.2.675 | 1400 | 130 | 7 | **9864** |
| | | | | | 5120 | Ac.2.050 | | | | |
| 10 | OMMC No. 10/19 | Budheisuni Stone | Budheisuni | 945 | 2407 | Ac.8.000 | 1000 | 130 | 7 | **6850** |
| 11 | OMMC No. 11/19 | Baudiapalli Stone | Baudiapalli | 238 | 1279 | 12.000 | 1000 | 130 | 7 | **6850** |
| 12 | OMMC No. 12/19 | Jhitikabadi Sand | Jhitikabadi | 411 | 2059 | 12.500 | 2500 | 35 | 7 | **5250** |
| | | | | | 2058 | 6.375 | | | | |

**Tahasildar, Polasara**